ନାଟକ ଓ ସଂସ୍କୃତିର ଅନୁଷ୍ଠାନ
କଳାକାର
ବାଲେଶ୍ୱର
ଇ.ମେଲ : kalakarbls@yahoo.com

# ୨୧ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ-୨୦୧୯

## ସଂସ୍ଥା ସଂପର୍କରେ

ଏ ସଂସ୍ଥା ୧୯୯୦ ଠାରୁ ଓଡିଆ ମଂଚ ନାଟକର ଉନ୍ନତି ପାଇଁ କାର୍ଯ୍ୟକରି ଆସୁଅଛି ଓ ୧୯୯୩-୯୪ରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଛି ।

## ମହୋତ୍ସବ ସଂପର୍କରେ

ବାଳକ ବାଳିକାମାନଙ୍କ ମଧ୍ୟରୁ ନାଟ୍ୟ ପ୍ରତିଭାକୁ ଖୋଜି ବାହାର କରିବା, ଉତ୍ସାହିତ କରିବା ଓ ସେମାନଙ୍କ ମଧରେ ନାଟ୍ୟଚେତନା ଜାଗ୍ରତ କରିବା ଏ ମହୋତ୍ସବର ଉଦ୍ଦେଶ୍ୟ । ୧୯୯୯ଠାରୁ ଏ ମହୋତ୍ସବ ନିରବଚ୍ଛିନ୍ନ ଭାବରେ ଅନୁଷ୍ଠିତ ହେଉଛି । କୃତୀ କଳାକାରମାନଙ୍କୁ ଟେଲିଭିଜନ୍ ନାଟକରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଏ ଓ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଶିଶୁ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ବ୍ୟବସ୍ଥା କରାଯାଏ । ଚଳିତ ବର୍ଷ ସେପ୍ଟେମ୍ବର ୨୨ରୁ ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ।

## ନିୟମାବଳୀ

୧/ ୧ମରୁ ୭ମ ଶ୍ରେଣୀ ଜୁନିୟର ଓ ୮ମରୁ ୧୦ମ ଶ୍ରେଣୀ ସିନିୟର ବିଭାଗ, ଏପରି ଦୁଇଟି ସ୍ତରରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

୨/ ସମଗ୍ର ଓଡିଶାର ଯେକୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ବିଦ୍ୟାଳୟ ଜରିଆରେ ଏଥିରେ ଭାଗ ନେଇପାରିବେ ।

୩/ ନାଟକର ଅବଧି ସର୍ବନିମ୍ନ ୩୦ ମିନିଟ୍‌ରୁ ସର୍ବାଧିକ ୪୫ ମିନିଟ୍ ହେବା ବିଧେୟ । ପ୍ରତ୍ୟେକ ୫ ମିନିଟ୍ ଅଧିକ ବା କମ୍ ପାଇଁ ପ୍ରଯୋଜନାରୁ ୫ ନମ୍ବର ଲେଖାଏଁ କାଟିଦିଆଯିବ ।

୪/ ମୌଳିକ ବା ଅନୁଦିତ ବା ମୁଦ୍ରିତ ନାଟକ ଏଥିରେ ଭାଗ ନେଇପାରିବେ । ତେବେ କେବଳ ମୌଳିକ ନାଟକ ଗୁଡିକୁ ନାଟ୍ୟକାର ପୁରସ୍କାର ପାଇଁ ବିଚାରକୁ ନିଆଯିବ । ସଂଳାପ ବିହିନ ନାଟକ ଗ୍ରହଣୀୟ ନୁହେଁ ।

୫/ ନାଟକ ଗୁଡିକ ସାମାଜିକ/ଐତିହାସିକ/ପୌରାଣିକ ହୋଇପାରେ । ତେବେ ଜାତୀୟତା ବିରୋଧି /ଧର୍ମ ବିରୋଧି ନାଟକକୁ ଗ୍ରହଣ କରାଯିବ ନାହିଁ । ସାମାଜିକ ସଂସ୍କାରଧର୍ମୀ ନାଟକଗୁଡିକୁ ଅଗ୍ରାଧିକାର ଦିଆଯିବ ।

୬/ ନାଟକ ମଂଚସ୍ଥ କରିବାପାଇଁ ସଂସ୍ଥା ତରଫରୁ କଳାଧଳା ପରଦା, ଉଇଂସ୍, ହେଲୋଜେନ୍ ୨ଟା, ସ୍ପଟ୍ ଲାଇଟ୍ ୨ଟା, ଷ୍ଟେଜ ମାଇକ୍ ୫ଟା ଓ ମେକ୍‌ଅପ୍ ବିନା ମୂଲ୍ୟରେ ଯୋଗାଇ ଦିଆଯିବ । ପୋଷାକପତ୍ର ଯୋଗାଇବାର ବ୍ୟବସ୍ଥା ନାହିଁ । ମଂଚ ସଜ୍ଜା ପାଇଁ ୧୦ମି. ସମୟ ଦିଆଯିବ ।

୭/ ନାଟକର ଅଭିନେତା ଓ ଅଭିନେତ୍ରୀଙ୍କ ମୋଟ ସଂଖ୍ୟା ୧୦ ଭିତରେ ସିମୀତ ରହିବା ବିଧେୟ । ଅଧିକ ହେଲେ ଗ୍ରହଣୀୟ ହେବ ନାହିଁ ।

୮/ ନିମ୍ନମତେ ଗସ୍ତଖର୍ଚ୍ଚ ପ୍ରଦାନ କରାଯିବ - (୧) ୧୦୧ରୁ ୨୦୦ କି.ମି.କୁ ୫୦୦/- (୨) ୨୦୧ରୁ ୩୦୦ କି.ମି.କୁ ୧୦୦୦/- (୩) ୩୦୧ କି.ମି.ରୁ ଉର୍ଦ୍ଧ୍ୱ ଟ. ୨୦୦୦/-

୯/ ଗୋଟିଏ ଦଳପାଇଁ ୧୫ ଜଣଙ୍କର ଗୋଟିଏ ଦିନର (ନାଟକ ମଂଚସ୍ଥ ହେବା ଦିନ) ମଧ୍ୟାହ୍ନ ଓ ରାତ୍ରୀ ଭୋଜନ ତଥା ରହଣିର ବ୍ୟବସ୍ଥା ସଂସ୍ଥା ତରଫରୁ ମାଗଣାରେ ଯୋଗାଇ ଦିଆଯିବ ।

୧୦/ ଦାଖଲ କରାଯାଉଥିବା ପାଣ୍ଡୁଲିପି ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହାର ପ୍ରତିଲିପି ଆପଣଙ୍କଠାରେ ରହିଥିବା ବିଧେୟ ।

୧୧/ ପାଣ୍ଡୁଲିପି ଦାଖଲ କରିବାର ଶେଷ ତାରିଖ-୦୫/୦୮/୨୦୧୯ ଓ ଏହା kalakarbls@yahoo.com ଇ-ମେଲ୍‌ରେ ଦାଖଲ କରିପାରିବେ ।

୧୨/ ସଂସ୍ଥା ତରଫରୁ ନିଯୁକ୍ତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରତିଯୋଗିତାର ସମସ୍ତ ବିଭାଗର ମୂଲ୍ୟାୟନ କରାଯିବ । ବିଚାରକ ମଣ୍ଡଳୀର ନିଷ୍ପତି ଚୂଡାନ୍ତ ଅଟେ ।

୧୩/ ପୁରସ୍କାର ବିବରଣୀ : (ନିମ୍ନଶ୍ରେଣୀ ଓ ଉଚ୍ଚଶ୍ରେଣୀ)

ଏହା ଏକ ମହୋତ୍ସବ ହୋଇଥିଲେ ମଧ୍ୟ ଶିଶୁ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ପୁରସ୍କାରର ବ୍ୟବସ୍ଥା କରାଯାଇଛି । ନିମ୍ନମତେ ପୁରସ୍କାର ପ୍ରଦାନ କରାଯିବ । (୧) ଶ୍ରେଷ୍ଠ ନାଟ୍ୟ ରଚନା - ୨ଟି (୨) ୨ୟ ଶ୍ରେଷ୍ଠ ନାଟ୍ୟ ରଚନା - ୨ଟି (୩) ଶ୍ରେଷ୍ଠ ପ୍ରଯୋଜନା -୨ଟି (୪) ୨ୟ ଶ୍ରେଷ୍ଠ ପ୍ରଯୋଜନା -୨ଟି (୫) ୩ୟ ଶ୍ରେଷ୍ଠ ପ୍ରଯୋଜନା -୨ଟି (୬) ଶ୍ରେଷ୍ଠ ନିର୍ଦ୍ଦେଶନା - ୨ଟି (୭) ୨ୟ ଶ୍ରେଷ୍ଠ ନିର୍ଦ୍ଦେଶନା - ୨ଟି (୮) ଶ୍ରେଷ୍ଠ ଅଭିନେତା - ୨ଟି (୯) ୨ୟ ଶ୍ରେଷ୍ଠ ଅଭିନେତା - ୨ଟି (୧୦) ୩ୟ ଶ୍ରେଷ୍ଠ ଅଭିନେତା - ୨ଟି (୧୧) ଶ୍ରେଷ୍ଠ ଅଭିନେତ୍ରୀ - ୨ଟି (୧୨) ୨ୟ ଶ୍ରେଷ୍ଠ ଅଭିନେତ୍ରୀ - ୨ଟି (୧୩) ୩ୟ ଶ୍ରେଷ୍ଠ ଅଭିନେତ୍ରୀ - ୨ଟି (୧୪) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା - ୨ଟି (୧୫) ୨ୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା - ୨ଟି (୧୬) ୩ୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା - ୨ଟି (୧୭) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ - ୨ଟି (୧୮) ୨ୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ - ୨ଟି (୧୯) ୩ୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ - ୨ଟି (୨୦) ଶ୍ରେଷ୍ଠ ହାସ୍ୟ ଅଭିନୟ -୨ଟି (୨୧) ୨ୟ ଶ୍ରେଷ୍ଠ ହାସ୍ୟ ଅଭିନୟ -୨ଟି (୨୨) ସ୍ୱତନ୍ତ୍ର ଅଭିନୟ ପୁରସ୍କାର ୮ଟି (୨୩) ଶ୍ରେଷ୍ଠ ଶୃଙ୍ଖଳିତ ଦଳ -୨ଟି (୨୪) ଦର୍ଶକମଣ୍ଡଳୀ ସ୍ୱତନ୍ତ୍ର ପୁରସ୍କାର (ସାମଗ୍ରିକ ପ୍ରୟାସ ପାଇଁ) - ୧ଟି ସହ ପ୍ରବାହୀ ଟ୍ରଫି (୨୫) 'କଳାକାର' ସଭାପତି ସ୍ୱତନ୍ତ୍ର ପୁରସ୍କାର - ୨ଟି । ଏହାଛଡା ସମସ୍ତ ପ୍ରତିଯୋଗୀମାନଙ୍କୁ ଯୋଗଦାନ ପ୍ରମାଣପତ୍ର ପ୍ରଦାନ କରାଯିବ ଓ ଶ୍ରେଷ୍ଠ ପ୍ରଯୋଜିତ ନାଟକର ସମସ୍ତ କଳାକାରଙ୍କୁ ମେଡାଲ ପ୍ରଦାନ କରାଯିବ ।

## ଯୋଗାଯୋଗ

*ସୁରଂଜନ ଦାସ ମହାପାତ୍ର, ସଭାପତି*
*ବାସନ୍ତୀ କୁଟୀର, , ଛଅପୋଲିଆ ଲେନ୍,*
*ଭୋଇସାହି, ବାଲେଶ୍ୱର - ୭୫୬୦୦୧*
*ହ୍ୱାର୍ଟ୍ସ ଅପ୍ ନଂ.- ୯୪୩୭୩୭୬୭୫୭*

*ଡା. କୁମାର ଗୋପାଳ*
*କାର୍ଯ୍ୟକାରୀ ସଂପାଦକ 'କଳାକାର,*
*ଫୋନ୍ ନଂ.- ୯୪୩୭୨୧୫୮୯୫*

*ସୌମ୍ୟରଂଜନ ପ୍ରଧାନ*
*ସଂପାଦକ 'କଳାକାର,*
*ବାଲିଆ, ବାଲେଶ୍ୱର-୭୫୬୦୫୬'*
*ଫୋନ୍ ନଂ.- ୯୮୬୧୧୦୧୫୦୦*